
ଶନିବାର, ୨୯ ଜୁନ୍, ୨୦୨୪

# ପିଲାଙ୍କ ଧରିତ୍ରୀ



# ଇଶାନର ଭକ୍ତି

ଗପ



ଇଶାନ ମହାପ୍ରଭୁ ଅଲାରନାଥଙ୍କ ଭକ୍ତ। ସେ ଭାରି ଭକ୍ତି କରେ ଶ୍ରୀ ଅଲାରନାଥଙ୍କୁ। ପ୍ରତିଦିନ ସକାଳୁ ଉଠି ମନ୍ଦିର ଯାଏ। ପୁରାଣରୁ ଶୁଣିଛି ଯେ କୁନି ଭକ୍ତ ମଧୁସୂଦନଙ୍କ ହାତରୁ ଠାକୁର ଖିରି ଖାଇଥିଲେ। ଦିନେ ଇଶାନ ତା'ର ମାଆଙ୍କୁ କହିଲା ମାଆ ଟିକେ ସୁଆଦିଆ ଖିରି କରନ୍ତୁନି। ଏବେ ତ ଅଣସର ସମୟ। ଖିରି ନେଇ ମୁଁ ମହାପ୍ରଭୁଙ୍କୁ ଭୋଗ କରନ୍ତି। ମାଆ କହିଲେ ହଉ କରିଦେବି।

ତହିଁ ଆରଦିନ ସକାଳୁ ମାଆ ସୁଆଦିଆ ଖିରି ପ୍ରସ୍ତୁତ କରି ଏକ ମାଟି ପାତ୍ରରେ ଇଶାନକୁ ଦେଲେ। ଇଶାନ ଖୁସି ମନରେ ଖିରି ପାତ୍ର ଧରି ମନ୍ଦିରକୁ ଗଲା। ସୌଭାଗ୍ୟବଶତଃ ଭିଡ କମ୍ ଥିଲା ସେଦିନ। ଇଶାନ ସିଧା ମନ୍ଦିର ଭିତରକୁ ପଶିବାକୁ ଚେଷ୍ଟାକଲା। ଏତିକିବେଳେ ଜଣେ ପୂଜକ ତାକୁ ଅଟକାଇ କହିଲେ କି ରନ୍ଧା ଖିରି ଧରି ସେ ଭିତରକୁ ଯାଇପାରିବ ନାହିଁ। ତଥାପି ସେ ପୂଜକଙ୍କୁ ଅନୁରୋଧ କଲା ଖିରିଭୋଗ କରିବାକୁ। ହେଲେ ବାହାରେ ରନ୍ଧାଯାଇଥିବା ଖାଦ୍ୟ ମନ୍ଦିର ଭିତରକୁ ପଶିବ ନାହିଁ ବୋଲି ପୂଜକ ସିଧାସଳଖ ମନା କରିଦେଲେ। ଏହି ଖିରି ମନ୍ଦିର ବେଢାରେ ପ୍ରସ୍ତୁତ ହୋଇନାହିଁ। ତେଣୁ ଏହା ଠାକୁରଙ୍କ ପାଖରେ ଭୋଗ ହୋଇପାରିବ ନାହିଁ। ଶେଷରେ ନିରାଶ ହୋଇ ଇଶାନ ଘରକୁ ଫେରିବାକୁ ନିଷ୍ପତ୍ତି ନେଲା। କଦଳୀପତ୍ର ଘୋଡାଇ ଖିରିପାତ୍ରକୁ ଧରି ଇଶାନ ମନ୍ଦିର ବାହାରେ ଠିଆ ହୋଇଥାଏ। ସେ ଦେଖିଲା ଜଣେ କଳା ଡେଙ୍ଗା ଲୋକ ବାହାରେ ସମସ୍ତଙ୍କୁ ଖାଇବାକୁ ମାଗୁଛନ୍ତି। ସେ ଇଶାନକୁ ବି ଖାଇବାକୁ ମାଗିଲେ। ଇଶାନ ଭୋଗ କରିବାକୁ ଆଣିଥିବା ଖିରି ଆଉ ମହାପ୍ରଭୁ ଅଲାରନାଥଙ୍କୁ ସମର୍ପଣ ହୋଇପାରିବ ନାହିଁ ବୋଲି ନିଶ୍ଚିତ ହେବା ପରେ ଖୁସିରେ ଖିରି ପାତ୍ରକୁ ସେହି ବ୍ୟକ୍ତିଙ୍କୁ ଦେଇଦେଲା। ଭୋକରେ ଥିବା ସେହି ବ୍ୟକ୍ତି ଚକାମାଡି ବସି ସବୁ ଖିରି ଖାଇଦେଇ ମାଟି ପାତ୍ରଟିକୁ ଇଶାନ ହାତକୁ ବଢାଇ ଦେଇ କହିଲେ ତୁମ ଖିରି ଭାରି ବଢିଆ ଲାଗିଲା।

ଇଶାନ ପଚାରିଲା ତୁମେ ଏ ଖିରିତକ ଏତେ ଶୀଘ୍ର କେମିତି ଖାଇଦେଲ ? ସେହି ବ୍ୟକ୍ତି ଜଣକ କହିଲେ ଥରେ ତୁମ ଭଳି ଜଣେ ଛୋଟ ପିଲାଟିଏ ମୋତେ ଗରମ ଖିରି ଭକ୍ତିର ସହିତ ଦେଲା ବୋଲି ମୁଁ ତାକୁ ହାତ ପୁରେଇ ଖାଇଦେବାରୁ ମୋ ଛାତିରେ ଗରମ ଖିରି ପଡି ଫୋଟକା କେମିତି ହୋଇଛି ଦେଖୁନୁ। ଇଶାନ ଏହା ଦେଖି ଭାରି ମନ ଦୁଃଖ କଲା ଓ କହିଲା ବୁଝିପାରିଲି ମୁଁ ଆଣିଥିବା ଖିରି ଥଣ୍ଡା ହୋଇଯାଇଛି। ଖିରି ତୁମର ଭାରି ପ୍ରିୟ ଲାଗୁଛି। ହଁ କହିଦେଇ ସେହି ବ୍ୟକ୍ତି ଜଣକ ଇଶାନର ମୁଣ୍ଡକୁ ଆଉଁସି ଦେଇ ଚାଲିଗଲେ। ଇଶାନ ମୁହଁ ଶୁଖାଇ ଘରକୁ ଫେରି ସବୁ ଘଟଣା ମାଆଙ୍କୁ କହିଲା। ମାଆ ଏସବୁ ଶୁଣି କହିଲେ ଇଶାନ ତୋ ହାତରୁ ଯିଏ ଖିରି ଖାଇଲେ ସେ ହିଁ ଥିଲେ ମହାପ୍ରଭୁ ଅଲାରନାଥ। ତା'ପରେ ପୁଣିଥରେ ମନ୍ଦିର ଆସି ଦେଖନ୍ତି ତ ସେହି ମାଟି ପାତ୍ରରେ ତୁଳସୀ ପତ୍ର ରହିଛି। ଇଶାନ ଓ ତାଙ୍କ ମାଆ ସେହି ମାଟି ପାତ୍ରକୁ ମୁଣ୍ଡରେ ଲଗାଇଲେ। ସବୁ ଲୋକ ଆସି ସେଠାରେ ରୁଣ୍ଡ ହୋଇଗଲେ। ଇଶାନର ସରଳ ବିଶ୍ୱାସ ଓ ଭକ୍ତି ଦେଖି ସମସ୍ତେ ଧନ୍ୟ ଧନ୍ୟ କହିଲେ। ସେଦିନଠାରୁ କ୍ଷୁଧାରେ ଥିବା ବ୍ୟକ୍ତିଙ୍କୁ ଦେଖିଲେ ଇଶାନ ଖାଇବାକୁ ଦିଏ।

**– ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩



## ଖିଲି ଖିଲି ହସ

ଅମନ ତା' ସାଙ୍ଗ ନମନକୁ କହିଲା– ମୋ ଲାପ୍‌ଟପ୍ କାପାସିଟିକୁ ବଢ଼ାଇବା ପାଇଁ କ'ଣ କରିବି ?
ନମନ: ବହୁତ ସହଜ ଉପାୟ, ଏଥିରେ ଉଇଣ୍ଡୋ(Window) ବଦଳରେ ଡୋର ଲଗାଇଦେ।

(ଦୁଇ ଭଉଣୀ ମଧ୍ୟରେ କଥାବାର୍ତ୍ତା)
ପ୍ରଥମ ଭଉଣୀ: ଆରେ ପୁଅ,ଟିକେ ଦୋକାନକୁ ଯାଇ ମାଉସୀ ପାଇଁ କୋଲ୍ଡ ଡ୍ରିଙ୍କ୍ସ ଆଣିଲୁ।
ଦ୍ୱିତୀୟ ଭଉଣୀ: ନା, ମୋର ଚା' ପିଇବାକୁ ଇଚ୍ଛା ହେଉଛି।
ପ୍ରଥମ ଭଉଣୀ: ଯା ପୁଅ, କ୍ଷୀର ପ୍ୟାକେଟ୍ ଆଣିବୁ । ସେଥିରେ ମୁଁ ମାଉସୀଙ୍କ ଲାଗି ଚା' କରିବି।
ଦ୍ୱିତୀୟ ଭଉଣୀ: ଆରେ ପୁଅ ରହ, ନେ ମୋ ଏଟିଏମ୍ କାର୍ଡ, ସେଥିରେ ତୁ କ୍ଷୀର ପ୍ୟାକେଟ୍‌ର ପଇସା ଦେଇଦେବୁ। ଆଉ ତୋ ପସନ୍ଦର ଜିନିଷ ଆଣିବୁ। କିଛି ସମୟ ପରେ ପୁଅ ଆସି କହିଲା– ମା' ନେ ତୋ କ୍ଷୀର ପ୍ୟାକେଟ୍, ଆଉ ମାଉସୀ ଏଇ ମୋର ଆଇଫୋନ୍, ତୁମେ କହିଥିଲ ନା ତୋର ଯାହା ପସନ୍ଦ ତୁ ନେଇ ଆଣିବୁ, ମୁଁ ସେଥିପାଇଁ ମୋ ପସନ୍ଦର ଆଇଫୋନ୍ ଏଇ କାର୍ଡରେ ନେଇ ଆଣିଛି !

ଶିକ୍ଷକ: ଭାରତର ସବୁଠାରୁ ବିପଦ ପୂର୍ଣ୍ଣ ନଦୀ କାହାକୁ କହିବା ?
ରାଜୁ –ସାର୍ ଭାବନା !
ଶିକ୍ଷକ : ଚମକି ପଡି କହିଲେ କେମିତି ?
ରାଜୁ: କାହିଁକି ନା, ସମସ୍ତେ ଏଥିରେ ଭାସିଯାଆନ୍ତି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ମତାମତ

▸▸ଏଥର 'ତୁମ ତୂଳୀ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ବହୁତ ସୁନ୍ଦର ହୋଇଥିଲା।

**–ଶ୍ରଦ୍ଧାଞ୍ଜଳି ମହାପାତ୍ର, ବାଲିକୁଦା, ଜଗତ୍‌ସିଂହପୁର**

▸▸ଜଣା ଅଜଣା ପୃଷ୍ଠାରେ 'ବୃକ୍ଷଙ୍କ ରାଜା ଅଶ୍ୱତଥ୍', 'ବଡ଼ଫୁଲ', 'ଛୋଟ ଜୀବ ମଧ୍ୟ ଆକ୍ରମଣ କରେ' ପାଠରୁ କିଛି ନୂଆ କଥା ଜାଣିହେଲା।

**–ସିମରନ୍ ସାହୁ, ରାଉରକେଲା**


▸▸ଏଥର ପ୍ରକାଶିତ କବିତାଗୁଡିକ ପଢ଼ିବାକୁ ଭଲ ଲାଗିଲା।

**–ଦେବାଂଶୀ କର, ଯାଜପୁର**

▸▸'ଆଇନା' ସ୍ତମ୍ଭରେ ପ୍ରକାଶ ପାଉଥିବା ଫଟୋଗୁଡ଼ିକ ବେଶ୍ ଆକର୍ଷଣୀୟ ହେଉଛି।

**–ପୂଜାଶ୍ରୀ ରାଉତ, ଅନୁଗୋଳ**

## ରଙ୍ଗ ଦିଅ



# ବିରୁଦ୍ଧ ଆହାର

କିଛି ଖାଦ୍ୟକୁ ଏକାସାଙ୍ଗରେ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ତ ଆଉ କିଛି ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଯେଉଁ ଖାଦ୍ୟକୁ ଏକାଠି କରି ଅଥବା ଖାଇବାର ଠିକ୍ ପରେ ଖାଇଲେ ସ୍ୱାସ୍ଥ୍ୟ ଖରାପ ହୁଏ ତାହାକୁ ବିରୁଦ୍ଧ ଆହାର କୁହାଯାଏ।

ଏଭଳି ବିରୁଦ୍ଧ ଆହାର ପାଇଁ ମେଦବହୁଳତା, ଦୃଷ୍ଟିଶକ୍ତି କମ୍ ହେବା, କେଶ ଝଡିବା, ହଜମ ନ ହେବା, ସ୍କିନ୍ ଖରାପ ହୋଇଯିବା, ଥଣ୍ଡା ସର୍ଦ୍ଦି ଦୀର୍ଘ ଦିନ ଧରି ଲାଗି ରହିବା, କୋଷ୍ଠକାଠିନ୍ୟ, ଆନିମିଆ, ଆର୍ଥ୍ରାଇଟିସ୍, ସ୍କିନରେ ଧଳା ଦାଗ ହେବା, ପେଟ ଦରଜ ହେବା ଭଳି ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ। ତେଣୁ କେଉଁ ସବୁ ଖାଦ୍ୟ ବିରୁଦ୍ଧ ଆହାର ତାହା ଜାଣି ରଖିବା ଆବଶ୍ୟକ।

✪ ଡ୍ରାଗନ ଫ୍ରୁଟ୍, ଆଭୋକାଡୋ ଭଳି ଫଳ ଆମ ଦେଶରେ ହୋଇ ନ ଥାଏ। ବାହାର ଦେଶରୁ ଏହା ଆସିଥାଏ। ତେଣୁ ଆୟୁର୍ବେଦ ଅନୁସାରେ ଏହା ବିରୁଦ୍ଧ ଆହାର ଓ ଆମ ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ।

✪ ଅତ୍ୟଧିକ ଉଷ୍ମ ତଥା ମରୁଭୂମି ଅଞ୍ଚଳ ଲୋକଙ୍କ ଭଳି ଶୁଖିଲା ଖାଦ୍ୟ ଓ ରାଗ ମସଲାଯୁକ୍ତ ଖାଦ୍ୟ ମଧ୍ୟ ଆମ ପାଇଁ ବିରୁଦ୍ଧ ଆହାର। ଏସବୁ ଖାଦ୍ୟ ସ୍ୱାସ୍ଥ୍ୟ ଖରାପ କରିପାରେ।

✪ ଋତୁ ଅନୁସାରେ ଆମଦାନୀ ହେଉ ନ ଥିବା ଫଳ ବା ପନିପରିବା ମଧ୍ୟ ବିରୁଦ୍ଧ ଖାଦ୍ୟ। କାରଣ ଏସବୁରେ ପ୍ରଚୁର ପରିମାଣରେ ରାସାୟନିକ ପଦାର୍ଥ ଦିଆଯାଇ ରଖାଯାଏ ଯେପରି ତାହା ଖରାପ ହେବ ନାହିଁ। ତେଣୁ ଏହାକୁ ଖାଇବା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବିପଦ ହୋଇପାରେ।



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com




# ସ୍କୁଲ ଟାଇମ୍

ଖରାଛୁଟି ପରେ ଏବେ ଖୋଲିଛି ସ୍କୁଲ। ଢେର୍ ଦିନ ଖେଳାବୁଲା ଆଉ ଘରେ ରହିବା ପରେ ଏବେ ସ୍କୁଲ ଯିବା ଆରମ୍ଭ କରିଛନ୍ତି ପିଲାମାନେ। ଏତେ ଦିନର ବ୍ୟବଧାନ ପରେ ସ୍କୁଲ ଯିବା ପାଇଁ ପିଲାଙ୍କ ମନରେ ଉତ୍ସାହ ସାଙ୍ଗକୁ ପ୍ରସ୍ତୁତି ବି କିଛି କମ୍ ନାହିଁ।

ପିଲାମାନେ ଏବେ ସ୍କୁଲ ଯିବା ଆରମ୍ଭ କରିଛନ୍ତି। ଢେର୍ ଦିନର ବ୍ୟବଧାନ ପରେ ସ୍କୁଲ ଯିବାକୁ ପଡୁଥିବାରୁ ବିଭିନ୍ନ ଦିଗରୁ ପ୍ରସ୍ତୁତ ହୋଇଛନ୍ତି ସେମାନେ। ସ୍କୁଲ ୟୁନିଫର୍ମ ଠାରୁ ଆରମ୍ଭ କରି ବହିପତ୍ର, ବ୍ୟାଗ୍, ଟିଫିନ୍ ଆଦି ସବୁ ସଜାଡିବାକୁ ପଡୁଛି। ଅବଶ୍ୟ କେତେକ ଧୀରେ ଧୀରେ ସାମିଲ ହେଉଛନ୍ତି ଏହି ରୁଟିନ୍ ଲାଇଫ୍ ସହିତ। ତେବେ ସ୍କୁଲ ଖୋଲିବା ପରେ କାହାର କିଭଳି ପ୍ରସ୍ତୁତି ରହିଛି ସେନେଇ ସ୍ୱତନ୍ତ୍ର ଉପସ୍ଥାପନା।

## ଏମାନେ କ'ଣ କହନ୍ତି

### ପାଠ ବୁଝିବା ସହଜ ହେଉଛି



ଏତେଦିନ ପରେ ସ୍କୁଲ ଖୋଲିଛି ବୋଲି ଭଲ ଲାଗୁଛି। ତା ଛଡା ଏବର୍ଷ ଆମର ବୋର୍ଡ ପରୀକ୍ଷା, ସେଥିପାଇଁ ବହୁତ ପରିଶ୍ରମ କରିବାକୁ ପଡିବ। ଛୁଟିରେ ମୁଁ ସେମିତି ବେଶି ବୁଲାବୁଲି କରିନି। ତେଣୁ ସ୍କୁଲ କେବେ ଖୋଲିବ ବୋଲି ଅପେକ୍ଷା କରିଥିଲି। ନୂଆ କ୍ଲାସ ପାଇଁ ଆମର ଛୁଟି ପୂର୍ବରୁ ହିଁ ସବୁ ବହିପତ୍ର ଦିଆଯାଇଥିଲା। ଆଉ କିଛି ଖାତା କିଣା ହୋଇଛି। ମୁଁ ସବୁ ହୋମ୍‌ୱର୍କ ବି କରି ଦେଇଛି। ସେ ଦୃଷ୍ଟିରୁ ମୋର ଆଦୌ ଚିନ୍ତା ନାହିଁ। ସ୍କୁଲ ଖୋଲିବା ମାତ୍ରେ ଆମର ପାଠ ପଢା ବି ଆରମ୍ଭ ହୋଇଯାଇଛି। ସାର୍ ଆମକୁ ମନଦେଇ ପଢିବାକୁ ଓ ଏବର୍ଷ ଅଧିକ ପରିଶ୍ରମ କରିବାକୁ ବାରମ୍ବାର କହୁଛନ୍ତି। ତେଣୁ ସବୁ ବିଷୟରେ ପାଠପଢା ଚାଲିଛି। ଏବେ ଆଉ ସମୟ ନଷ୍ଟ କରି ହବନି ବୋଲି ଘରେ ଓ ସ୍କୁଲରେ ସାରମାନେ ସବୁବେଳେ ଆମକୁ ସତର୍କ କରାଉଛନ୍ତି। ଖରାଛୁଟିରେ ବି ସାର୍ ଆମକୁ ଅନଲାଇନ୍ ଗ୍ରୁପରେ ଅଭ୍ୟାସ ନିମନ୍ତେ ପାଠ ଦେଉଥିଲେ। ତେଣୁ ସ୍କୁଲ ଖୋଲିବା ପରେ ମତେ ବହୁତ ଭଲ ଲାଗୁଛି ଓ ସାରଙ୍କ ପାଖରେ ପଢିବାକୁ ସୁବିଧା ହେଉଛି। ଅବଶ୍ୟ ଅନ୍ୟ କ୍ଲାସରେ ଏବେ ସବୁ ପିଲା ସ୍କୁଲକୁ ଆସୁନାହାନ୍ତି। ହେଲେ ସେଥିରେ ଆମର କିଛି ଅସୁବିଧା ହେଉନି। ବରଂ ଆମକୁ ସାରଙ୍କ ପାଖରେ ଅଧିକ ସମୟ ପାଠ ବୁଝିବାକୁ ସମୟ ମିଳୁଛି।

**–ବିବେକ ମିଶ୍ର,** କ୍ଲାସ– ୧୦,
ପଞ୍ଚାୟତ ହାଇସ୍କୁଲ, ମୂଳୁ ସରଗଡା, କୋରେଇ, ଯାଜପୁର

### ଏବେ କେବଳ ପାଠ



ଛୁଟି ପୂର୍ବରୁ ମୋର ସବୁ ନୂଆ ବହି ଆସିଥିଲା, ହେଲେ ସେସବୁ କଭର ଲଗାଇବା ଓ ସଜାଡି ରଖିବା କାମ ସରି ନ ଥିଲା। ସ୍କୁଲ ଖୋଲିବା ପରେ ଏବେ ସେସବୁ କାମ କରି ସାରିଛି। ଛୁଟି ଆରମ୍ଭ ହେବା ମାତ୍ରେ ମୁଁ ଗାଁକୁ ଚାଲି ଯାଇଥିଲି ଆଉ ସ୍କୁଲ ଖୋଲିବାର ଠିକ୍ ପୂର୍ବ ଦିନ ହିଁ ଆସିଲି। ତେବେ ଛୁଟିରେ ବୁଲାବୁଲି ସହିତ ପ୍ରତିଦିନ ପାଠ ପଢା ବି ହେଉଥିଲା। ଗାଁରେ ଏତେ ଦିନ ରହି ଆସିଥିବାରୁ ମନ ପୂରା ଖୁସି ଅଛି। ଏବେ କେବଳ ପାଠ ପଢ଼ିବା କଥା ମନରେ ରଖିବାକୁ ହେବ। ଆରବର୍ଷ ମୋର ବୋର୍ଡ ପରୀକ୍ଷା ତେଣୁ ଏବେ ଆଉ କୁଆଡେ ବୁଲାବୁଲି ହେବନି। ସ୍କୁଲ ଖୋଲିବା ପରେ ଆମର ପାଠ ପଢା ଆରମ୍ଭ ହୋଇଗଲାଣି। ତା ଛଡା ସ୍କୁଲ ଆସୁଛି ବୋଲି ମୋ କ୍ଲାସର ସାଙ୍ଗମାନଙ୍କ ସହିତ ଦେଖା ହେଉଛି। ସମସ୍ତେ ଛୁଟିରେ କିଏ କ'ଣ କରୁଥିଲେ ସେ ବିଷୟରେ ଆମେ ପରସ୍ପର ସହିତ କଥାବାର୍ତ୍ତା ହୋଇପାରୁଛୁ। ବହୁତ ଭଲ ଲାଗୁଛି। ଏତେ ଦିନ ପରେ ସାଙ୍ଗମାନଙ୍କ ସହ ଦେଖା ହେଇଛି ବୋଲି କେତେକଥା ଗପିବାକୁ ଅଛି ଯେ ଜମା ସରୁନି। ସେଥିପାଇଁ ସ୍କୁଲ ଆସିବାକୁ ବହୁତ ଭଲ ଲାଗୁଛି।

**–ପ୍ରିୟଦର୍ଶିନୀ ବେହେରା,** କ୍ଲାସ– ୯,
ମହୁଖଣ୍ଡ ହାଇସ୍କୁଲ, ବାଲିଅନ୍ତା, ଖୋର୍ଦ୍ଧା

### ବହୁତ ଭଲ ଲାଗୁଛି



ସ୍କୁଲ କେବେ ଖୋଲିବ ବୋଲି ଅପେକ୍ଷା କରିଥିଲି। ଏତେ ଦିନ ଛୁଟି ହୋଇଥିଲା ଯେ ଘରେ ରହି ରହି ବୋର୍ ଲାଗୁଥିଲା। ତେଣୁ ସ୍କୁଲ ଖୋଲିବାର ପ୍ରଥମ ଦିନ ସକାଳୁଆ ହୋଇଥିଲେ ବି ମୁଁ ଆସିଥିଲି। ସ୍କୁଲରେ ସାଙ୍ଗମାନଙ୍କ ସହିତ ଦେଖାହେବା ପରେ ବହୁତ ଭଲ ଲାଗୁଛି। ଛୁଟିରେ ଅଳ୍ପ ଦିନ ପାଇଁ ମୁଁ ବୁଲିବାକୁ ମୋ ମାଉସୀଙ୍କ ଘରକୁ ଯାଇଥିଲି। ତା'ପରେ ଗାଁରୁ ପୁପୁନ ଭାଇ ଓ ମିତା ଦିଦି ଆସିଥିଲେ। ହେଲେ ସେମାନେ ଅଳ୍ପଦିନ ରହି ଫେରି ଯାଇଥିଲେ। ତା'ପରେ ମୁଁ ପୁଣି ଏକା ଘରେ ରହୁଥିଲି। ଆମ ସ୍କୁଲରେ ଯାହା ହୋମୱର୍କ ଦିଆଯାଇଥିଲା ତାହା କେବେଠୁ ସରିଗଲାଣି। ତେଣୁ ବହୁତ ସମୟ ଘରେ ରହି ରହି ବୋର୍ ଲାଗୁଥିଲା। ତା' ସାଙ୍ଗରେ ପୁଣି ଟିଭି କି ଫୋନ୍ ଦେଖିବାରେ ମାମା କଟକଣା ବି ଲଗାଇଥିଲା। ତେଣୁ ସ୍କୁଲ ଖୋଲିବା ପରେ ମୋତେ ବହୁତ ଭଲ ଲାଗୁଛି।

**–ସୃଷ୍ଟି ସ୍ୱରୂପା ପୁରୀ,** କ୍ଲାସ–୮,
ଓଡିଶା ଆଦର୍ଶ ବିଦ୍ୟାଳୟ, କଟକ ସଦର, କଟକ

### ସବୁ ନୂଆ ଲାଗୁଛି



ସ୍କୁଲ ଖୋଲିବା ପରେ ସବୁ ନୂଆ ନୂଆ ଲାଗୁଛି। ନୂଆ ବହି, ନୂଆ ବ୍ୟାଗ୍, ସ୍କୁଲ ଡ୍ରେସ୍ ସବୁକିଛି ଏବେ ନୂଆ ଅଛି ବୋଲି ଭଲ ଲାଗୁଛି। ଛୁଟି ପୂର୍ବରୁ ଏବର୍ଷର ପାଠ ଆରମ୍ଭ ହୋଇଥିଲା, କିନ୍ତୁ ସେତେବେଳକୁ ସବୁ ବହିପତ୍ର କିଣା ଯାଇ ନ ଥିଲା ବୋଲି କିଛି ଜଣା ପଡୁ ନ ଥିଲା। ଏବେ କିନ୍ତୁ ସ୍କୁଲକୁ ଯିବାକୁ ବହୁତ ଭଲ ଲାଗୁଛି। ତା'ଛଡା ଏତେ ଦିନ ପରେ ସାଙ୍ଗମାନଙ୍କ ସହ ଦେଖା ହେବାରୁ ପରସ୍ପର ବିଷୟରେ କେତେ କଥା ଗପସପ କରୁଛୁ। ଛୁଟିରେ କିଏ କେଉଁଠି ବୁଲାବୁଲି କଲେ, କ'ଣ ସବୁ ନୂଆ କାମ କରିଛନ୍ତି ସେ ବିଷୟରେ ସାଙ୍ଗମାନେ ପରସ୍ପର ସହିତ କଥା ହେଉଛୁ। ଏମିତି ସବୁ କାରଣ ପାଇଁ ଏବେ ତ ମତେ ସ୍କୁଲ ଯିବାକୁ ବହୁତ ଭଲ ଲାଗୁଛି।

**–ଆନ୍‌ସି ପଟ୍ଟନାୟକ,** କ୍ଲାସ– ୬, ଷ୍ଟିୱାର୍ଟ ସ୍କୁଲ, ଭୁବନେଶ୍ୱର

### କ୍ଲାସ୍‌ରୁମ୍‌ରେ ପାଠପଢାର ଆକର୍ଷଣ ଅଲଗା




ସ୍କୁଲ ଖୋଲିବା ପରେ ମତେ ସେମିତି କିଛି ଅଲଗା ଲାଗୁନି। କାହିଁକିନା ଛୁଟିରେ ସବୁଦିନ ମୁଁ ଟିଉଶନ୍ ଯାଉଥିଲି ଆଉ ପଢାପଢି କରୁଥିଲି। ଏବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଥିବାରୁ ମତେ ବେଶି ସମୟ ପଢିବାକୁ ପଡୁଛି। ଛୁଟିରେ କେବଳ ରଜବେଳେ ମୁଁ ଗୋଟିଏ ସପ୍ତାହ ପାଇଁ ବୁଲାବୁଲି କରିଥିଲି। ନ ହେଲେ ସବୁଦିନ ଟିଉଶନ ପଢା ଓ ଘରେ ମାମା ବି ପାଠ ଦେଉଥିଲେ। ଏମିତିଭାବେ ସବୁସମୟ ପ୍ରାୟ ପଢାପଢିରେ କଟିଛି। ଏବେ ସ୍କୁଲ ଖୋଲିବା ପରେ ବିଧିବଦ୍ଧ ଭାବେ କ୍ଲାସ୍ ସହିତ ସାଙ୍ଗମାନଙ୍କ ସହ ଦେଖାହେଉଛି। ସେଥିପାଇଁ ବହୁତ ଭଲ ଲାଗୁଛି। ଘରେ ଯେତେ ପଢିଲେ ବି କ୍ଲାସ୍‌ରେ ପାଠପଢ଼ାର ଗୋଟେ ଭିନ୍ନ ଆକର୍ଷଣ ରହିଥାଏ।

**–ସାଇସ୍ମୃତି ମହାପାତ୍ର,** କ୍ଲାସ– ୧୦,
ଏମ୍.ଡି. ବାଳିକା ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ





୧


୨


୩


୪


୮


୫


୬


୭


୯


**ଦିବ୍ୟାଂଶୀ ଦେବିଦର୍ଶୀ**
କ୍ଲାସ- ୮, ସେଣ୍ଟ ଆର୍ନୋଲ୍ଡସ ହାୟର ସେକଣ୍ଡାରୀ ସ୍କୁଲ, କଳିଙ୍ଗ ବିହାର, ଭୁବନେଶ୍ୱର
୧

**ସସ୍ମିତା ମୁର୍ମୁ**
କ୍ଲାସ-୮, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବିସିପୁର, ଉଦଳା, ମୟୂରଭଞ୍ଜ

୨


**ଅନ୍ୱେଷା ଜେନା**
କ୍ଲାସ- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କନ୍ଦରପୁର, କଟକ ସଦର
୩

**ସମୀର କୁମାର ବିନ୍ଧାଣୀ**
କ୍ଲାସ- ୫, କନ୍ହେଇବନ୍ଧ ପ୍ରାଥମିକ ବିଦ୍ୟାଳୟ, ମୟୂରଭଞ୍ଜ

୪


**ସାଦ୍ୟାନ୍ତ ଶତପଥୀ**
କ୍ଲାସ- ୬, ମଦର୍ସ ପବ୍ଲିକ ସ୍କୁଲ, ପୁରୀ
୫

**ବୈଷ୍ଣବୀ ମିଶ୍ର**
କ୍ଲାସ-୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ଖୋର୍ଦ୍ଧା

୬


**ଅଭିଲିପ୍ସା ରାଉତ**
କ୍ଲାସ-୧୦, ରଘୁନାଥ ଉଚ୍ଚ ବିଦ୍ୟାଳୟ, ଦାମୋଦରପୁର, ଯାଜପୁର
୭

**ସାଇ ସୁଲଗ୍ନା ପଟ୍ଟନାୟକ**
କ୍ଲାସ- ୭, ଭାରତୀୟ ବିଦ୍ୟା ନିକେତନ, ନିମାପଡା, ପୁରୀ

୮

**ସାତ୍ତ୍ୱିକ ରଞ୍ଜନ ପଣ୍ଡା**
କ୍ଲାସ- ୬, କୋଲା ପେରୁମଲ ସ୍କୁଲ, ଚେନ୍ନାଇ

୯

# କଥାଟିଏ ଶୁଣ



କଥାଟିଏ ଶୁଣ ମନଦେଇ ପାଳିବ
ପଢ଼ା ବେଳେ ପଢ଼ା ଆଉ ଖେଳବେଳେ ଖେଳ।
ବିଦ୍ୟାଳୟ ପଢ଼ା ସାରି ବସ୍ତାନିଟି ଥୋଇ
ଆନନ୍ଦରେ ଖେଳ ଆଉ ନାଚ ଥେଇ ଥେଇ।
ମା' କହିଲେ ମାନିବ ଗୋଡ଼ହାତ ଧୋଇ
ପଢ଼ାରେ ବସିପଡ଼ିବ ଜଳଖିଆ ଖାଇ।
ଖାଇବା ସୁଆଦ ଲାଗେ ମାଆ ରାନ୍ଧିଥିଲେ
ସଭିଙ୍କର ପ୍ରିୟ ହେବ ସ୍ନେହ ଡୋରେ ବାନ୍ଧିଲେ।
ନଈପାଣି ମିଠା ଲାଗେ ସବୁବେଳେ ବହିଲେ
ସର୍ବେ ଆଦର କରିବେ ପ୍ରିୟ କଥା କହିଲେ।
ସୁଶୀଳ ସୁଗୁଣ ବାସେ ନୋହୁ ପଛେ ସୁନ୍ଦର
ହୃଦୟରେ ନ ରଖିବ ଛନ୍ଦ ମନ୍ଦ ହୁନ୍ଦର।
ନମ୍ର ଭାବେ ଚଳିବ ଶାନ୍ତକାନ୍ତ ଠାଣିରେ
ସଭିଙ୍କୁ କହିବ ତୁମେ ମିଠା ମିଠା ବାଣୀରେ।

**–ଡ. ସଦାନନ୍ଦ ପରିଡ଼ା**
ମୈତ୍ରୀ ନଗର,ଅନୁଗୋଳ
ମୋ: ୮୪୫୬୮୨୮୦୪୯

# ପୂଜା କରୁଥିବା

ଦୁନିଆରେ ଯିଏ ସବୁଠାରୁ ବଡ଼
ବାପା–ମା' ପରା ସେହି।
ଧୂଳି ଖେଳ ଖେଳି ଯା ବକ୍ଷେ ନାଚିଲି
ପୃଥିବୀ ମା'ଟି ସେହି।
ଜ୍ଞାନର ଆଲୋକ ଦେଖାଇଲେ ଯିଏ
ସିଏ ପରା ପୂଜ୍ୟ ଗୁରୁ।
ଆପଦେ ବିପଦେ ପାଖେ ପାଖେ ଥା'ନ୍ତି
ହର୍ତ୍ତା କର୍ତ୍ତା ଭଗବାନ।
ଏମାନଙ୍କୁ ଯିଏ ପୂଜା କରୁଥିବ
ସୁଖ ଥୁଆ ତାହା ପାଇଁ।

**– ସତ୍ୟବ୍ରତ ସାହୁ**
ମୋ: ୮୯୧୭୨୭୩୫୪୫

କ
ବି
ତା

# ଛୁଞ୍ଚି ଓ କଇଁଚି

ଛୁଞ୍ଚି କହୁଥିଲା କଇଁଚିକୁ ଚାହିଁ
ହଇଲୋ କଇଁଚି ନାନୀ
ପ୍ରକୃତି ତୋହର ଅଲଗା କରିବା
ମୋ କାମ ହେଲା ଫାଳକୁ ଯୋଡିବା।
ଛୁଞ୍ଚି କଥା ଶୁଣି କଇଁଚି କହିଲା
କହୁଛୁ ତୁ ସତ କଥା
କାଟିବାକୁ ପରା ଜନମ ମୋହରି
ଯିଏ ପାଉ ଯେତେ ବ୍ୟଥା।
ଗୁଣ ଆଉ କର୍ମ ଦୁହିଁଙ୍କର ଭିନ୍ନ
ଜଣେ କାଟେ ଜଣେ ଯୋଡ଼େ
ଭଙ୍ଗା ଗଢ଼ା ଏଇ ସଂସାର ଭିତରେ
ଦୁହିଁଙ୍କର ଖୋଜା ପଡେ।
ନ କାଟିଲେ ମୁହିଁ କେମିତି ଯୋଡ଼ିବୁ
ସିଲେଇ ହେବ କୁରୁତା
ମଣିଷ ହିତରେ କାମ କରୁ ଆମେ
ଛାଡି ଦେଇ ଛୋଟ ଚିନ୍ତା।
ଭଲ ଉଦ୍ଦେଶ୍ୟରେ ଯେଉଁ କାମ ହୁଏ
ପରିଣାମ ହୁଏ ଭଲ
ତାର ବିପରୀତ ଉଦ୍ଦେଶ୍ୟ ଖରାପ
କରୁଥାଇ କଲବଲ।

**– ସତ୍ୟନାରାୟଣ ପ୍ରସାଦ ନାୟକ**
ରଥ ରୋଡ, ଭୁବନେଶ୍ୱର
ମୋ: ୯୪୩୭୭୬୪୦୧୪

# ରଜ ଗଲା ପରେ...

ରଜ ଗଲା ପରେ ଖରା ଧୀରେ ଧୀରେ
ଗଲାଣି ନରମ ହୋଇ,
ପ୍ରଚଣ୍ଡ ଖରାରୁ ଅସହ୍ୟ ତାତିରୁ
ମିଳିଲାଣି ଟିକେ ତ୍ରାହି।
ପାଗ ବଦଳିଲା, ତାତି ହରିନେଲା
ଗୁଳୁଗୁଳି କମୁ ନାହିଁ,
ତନୁ ମଧ୍ୟେ ସ୍ନେହ କରିଯାଏ ଭେଦ
ଅସ୍ତବ୍ୟସ୍ତ କରିଦେଇ।
ବରଷା ଆସିଲେ ମରତ ମଣ୍ଡଳେ
ଶୀତଳତା ଦେବ ଭରି,
ଜୀବ ଓ ଜଗତ ହୋଇବେ ଆଶ୍ୱସ୍ତ
ନିର ପଡୁଥିବ ଝରି।

**–ବସନ୍ତ କୁମାର ଦାସ**
ରମ୍ଭା, ବରି, ଯାଜପୁର
ମୋ: ୯୦୭୮୩୩୦୩୭୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ସବୁଠୁ ବଡ଼ କୋନ୍ ଆଇସକ୍ରିମ୍





କୋନ୍ ଆଇସକ୍ରିମ୍ ତ ପ୍ରାୟ ସମସ୍ତେ ଖାଇଥିବେ! କିନ୍ତୁ କେହି କେବେ ଥରେ ଭାବିଥିବେ କି ଗୋଟିଏ କୋନ୍ ଆଇସକ୍ରିମ୍‌ର ଲମ୍ବ ୩ ମିଟରରୁ ବି ଅଧିକ ହୋଇପାରେ! ଶୁଣିବା ପାଇଁ ଏହା ଏକ ଆଶ୍ଚର୍ଯ୍ୟ କଥା ହୋଇପାରେ, ମାତ୍ର ଏମିତି ଏକ କୋନ୍ ତିଆରି କରିଛି ନରୱେର ଆଇସକ୍ରିମ୍ ତିଆରି କମ୍ପାନୀ ହେନିଂ ଓସଲେନ୍। ଏହି କୋନ୍‌ର ଲମ୍ବ ୧୦ ଫୁଟରୁ ଅଧିକ ଏବଂ ଏଥିରେ ୧,୦୮୦ ଲିଟର ଆଇସକ୍ରିମ୍ ଭର୍ତ୍ତି କରାଯାଇଥିଲା। ଏତେବଡ ଆଇସକ୍ରିମ୍ ହୋଇଥିବାରୁ ଏବେ ଏହା ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଏହି ଆଇସକ୍ରିମ୍ ବିଷୟରେ ବିଭିନ୍ନ କଥା ମନକୁ ଆସିପାରେ। ତେବେ କମ୍ପାନୀ ଏହି ଆଇସକ୍ରିମ୍‌ଟିକୁ ଏକ ଷ୍ଟିଲ୍‌ର ଫ୍ରେମ୍ ମଧ୍ୟରେ ତିଆରି କରିଥିଲା ଏବଂ ଏହାକୁ ହେଲିକପ୍ଟର ଯୋଗେ ସ୍ଥାନାନ୍ତର କରାଯାଇଥିଲା। ଶେଷରେ ରେକର୍ଡରେ ସ୍ଥାନ ପାଇବା ପରେ ଆଇସକ୍ରିମ୍‌ଟିକୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା। ଏହା ପୂର୍ବରୁ କମ୍ପାନୀ ୨୦୧୫ ମସିହାରେ ବିଶ୍ୱର ସବୁଠୁ ବଡ କୋନ୍ ଆଇସକ୍ରିମ୍ ତିଆରି କରି ରେକର୍ଡ କରିଥିଲା।

# ଏଥରର ?

- ଟୋକିଓ ଅଲିମ୍ପିକ୍ସ ୨୦୨୧ରେ କେଉଁ ଦେଶ ସର୍ବାଧିକ ମେଡାଲ ହାସଲ କରିଥିଲା ?
- କେଉଁ ଏସୀୟ ଦେଶରେ ୨୦୨୧ ମସିହାରେ ଆର୍ଥିକ ସଙ୍କଟ ପାଇଁ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଥିଲା ?
- ଆମେରିକାର ୪୬ତମ ରାଷ୍ଟ୍ରପତିଭାବେ ୨୦୨୧ରେ କିଏ ଶପଥ ନେଇଥିଲେ ?
- ଇଂଲଣ୍ଡର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀଙ୍କ ନାମ ?
- ରୋମ୍‌ବାସୀଙ୍କ ଯୁଦ୍ଧର ଦେବତା କିଏ ?

## ଗତଥରର ଉତ୍ତର




- ୧୩
- ବେସ୍‌ବଲ୍
- ହଲଦିଆ
- ଲାକ୍ରୋସ ଓ ଆଇସ୍ ହକି
- କାତାର

# କହିଲ ଦେଖି



ଶୁଣ୍ଢଟି ମୋର ବହୁତ ବଡ
ବିଶାଳ ଶରୀର ମୋର
ଥମ୍ ଥମ୍ ହୋଇ ଚାଲଇ ମୁହିଁ
କିଏ ସେ କହିବ ନାମ ମୋହର

**ଉ– ହାତୀ**



ଶରୀରଟି ମୋର ବହୁତ ସୁନ୍ଦର
ସବୁଜ ଘାସ ମୁଁ ଖାଏ
ଛୋଟ ଛୋଟ ଆଖି ଲମ୍ୱାଲମ୍ୱା କାନ
ମୋ ନାମ କହିବ କିଏ

**ଉ– ଠେକୁଆ**




ବଣର ରାଜା ଅଟଇ ମୁହିଁ
ହଳଦୀ ରଙ୍ଗ ମୋ ଦେହ
ସଭିଏଁ ମାନନ୍ତି ମୋର କଥାକୁ
ନାମ ମୋର କ'ଣ କୁହ

**ଉ– ସିଂହ**



କଳା ମେଘକୁ ଦେଖି ମୁଁ ନାଚେ
ପୁଚ୍ଛକୁ ମୋର ମେଲାଇ
ଜାତୀୟ ପକ୍ଷୀ ବୋଲି ସଭିଏଁ ଜାଣନ୍ତି
ମୋ ନାମ କୁହରେ ଭାଇ

**ଉ– ମୟୂର**



ମାଛ ଖାଏ ମୁଁ ହିଡ଼ରେ ବସି
ଧଳାରଙ୍ଗ ମୋର ଦେହ
ସକାଳେ ଯାଇ ମୁଁ ସଞ୍ଜକୁ ଫେରଇ
ନାମ ମୋର କ'ଣ କୁହ

**ଉ– ବଗ**

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ: ୯୬୬୮୮୧୫୩୬୯



## ମୋଟର ଗାଡ଼ି ବିହୀନ ସହର

ଗାଡ଼ି ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ପେଟ୍ରୋଲ ଏବଂ ଡିଜେଲ ଗାଡ଼ି ବ୍ୟତୀତ ଏବେ ପ୍ରଦୂଷଣକୁ ନିୟନ୍ତ୍ରଣରେ ରଖିବା ଲାଗି ବ୍ୟାଟେରିଚାଳିତ ଦୁଇଚକିଆ ଏପରିକି ଚାରିଚକିଆ ଯାନର ଚାହିଦା ବଢ଼ିଚାଲିଛି। ହେଲେ ଏଭଳି ଏକ ସହର ଅଛି ଯେଉଁଠି ଗୋଟିଏ ହେଲେ ମୋଟର ଗାଡ଼ି ଦେଖିବାକୁ ମିଳି ନ ଥାଏ। ହୁଏତ ଏକଥା ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ, କିନ୍ତୁ କଥାଟି ପଛରେ ଶତ ପ୍ରତିଶତ ସତ୍ୟତା ରହିଛି। ପୁଣି ଏହି ସହରରେ ମୋଟରଗାଡ଼ିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଉକ୍ତ ସହରଟି ଆମେରିକାରେ ଅବସ୍ଥିତ ଆଉ ତାହାର ନାମ ହେଲା ମିଶୋଗିନି ସିଟିର ମ୍ୟାକିନାକ୍ ଆଇଲାଣ୍ଡ। ଏଠାରେ ଚଳପ୍ରଚଳ ପାଇଁ କେବଳ ଘୋଡ଼ାଗାଡ଼ି ବ୍ୟବହାର କରାଯାଇଥାଏ। ପ୍ରଦୂଷଣକୁ ନଜରରେ ରଖି ଏଠାରେ ମୋଟରଗାଡ଼ି ଚଳାଚଳ ଉପରେ ସ୍ଥାନୀୟ ସରକାର ପ୍ରତିବନ୍ଧକ ଲଗାଇଛନ୍ତି। ଆଉ ଏହି ଧାରା ଦୀର୍ଘ ୧୨୭ ବର୍ଷ ହେବ ବଳବତ୍ତର ରହିଛି। ଏପରିକି ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ବୁଲାବୁଲି କରିବାକୁ ଘୋଡ଼ାଗାଡ଼ି ହିଁ ବ୍ୟବହାର କରିଥାଆନ୍ତି।



## ଗଛର ପତ୍ର କାହିଁକି ଝଡ଼ିଥାଏ..

ସୁସ୍ଥ ତଥା ପ୍ରଦୂଷଣମୁକ୍ତ ପରିବେଶ ପାଇଁ ଗଛଲତାଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ଏହାର ସବୁଜିମା ବେଶ୍ ମନଲୋଭା ହେବା ସହ ଗଛ ଛାଡୁଥିବା ଅମ୍ଳଜାନକୁ ଆମେ ପ୍ରଶ୍ୱାସରେ ଗ୍ରହଣ କରିଥାଉ। ଅର୍ଥାତ୍ ମଣିଷ ବଞ୍ଚିବା ପାଇଁ ଆବଶ୍ୟକ କରୁଥିବା ଅମ୍ଳଜାନ ପ୍ରାକୃତିକ ଉପାୟରେ କେବଳ ଗଛଲତାରୁ ହିଁ ମିଳିଥାଏ। ଆମେ ଜାଣିଛେ ଯେ, ଯେତେବେଳେ ଗ୍ରୀଷ୍ମଋତୁ ଆସେ ସେତେବେଳେ ଗଛଗୁଡ଼ିକ ପ୍ରଚୁର ପାଣି ଆବଶ୍ୟକ କରିଥାଆନ୍ତି। ହେଲେ ଏହି ଋତୁରେ ପ୍ରାୟ ଗଛ ପତ୍ରଝଡ଼ା ଦେଇଥାନ୍ତି। ଅନେକ ଗଛର ପତ୍ର ଶୁଖିଯାଇଥାଏ। ତେବେ ଏପରି କାହିଁକି ହୁଏ ? ଏହା ପଛରେ ବିଜ୍ଞାନ ସମ୍ମତ କାରଣ ମଧ୍ୟ ରହିଛି। ଗ୍ରୀଷ୍ମଋତୁରେ ଗଛରୁ ପତ୍ର ଝଡ଼ିବା ମୌସୁମୀ ଚକ୍ରର ଏକ ଅଂଶ। ଖରାଦିନେ ଗଛଗୁଡ଼ିକର ହଳଦିଆ ପତ୍ର ଏଗୁଡ଼ିକୁ ବଞ୍ଚାଇ ରଖିବାରେ ସହାୟକ ହୋଇଥାଏ। ଏହି ସମୟରେ ଫଟୋସିନ୍ଥେସିସ୍ ପ୍ରକ୍ରିୟାରେ ଗଛ ଖାଦ୍ୟ ପ୍ରସ୍ତୁତକରେ। ତେଣୁ ଖରାଦିନେ ଗଛର ହଳଦିଆପତ୍ର ଏଭଳି କାମକୁ ସମ୍ପାଦନ କରନ୍ତି। ଏଗୁଡ଼ିକ ସୂର୍ଯ୍ୟକିରଣକୁ ଶୋଷିନେଇ ଗଛର ଚେର ଦ୍ୱାରା ଆସୁଥିବା ପାଣି ଏବଂ ଅଙ୍ଗାରକାମ୍ଳ ସହାୟତାରେ ଶର୍କରା ପ୍ରସ୍ତୁତ କରିଥାଏ, ଯାହା ଗଛ ପାଇଁ ବେଶ୍ ଉପକାରୀ। ତେବେ ଗ୍ରୀଷ୍ମଋତୁରେ ଗଛର ପତ୍ର ହଳଦିଆ ପଡ଼ି ଝଡ଼ିଯିବା ଏବଂ ପରେ ସେହି ସ୍ଥାନରେ ନୂଆ ପତ୍ର କଅଁଳିବା ସମ୍ପୂର୍ଣ୍ଣ ଭାବରେ ଏକ ପ୍ରାକୃତିକ ପ୍ରକ୍ରିୟା। ଆଉଏହା ଗଛର ଜୀବନଧାରଣରେ ସହାୟକ ହୋଇଥାଏ।



## ୱାଟରପ୍ରୁଫ୍ ପକ୍ଷୀ



ପୃଥିବୀରେ ପ୍ରାୟ୧ ଲକ୍ଷ ପ୍ରଜାତିର ପ୍ରାଣୀ ଦେଖାଯାଇଥାନ୍ତି। ଏଠାରେ ଏମିତି ଏକ ପକ୍ଷୀ ବିଷୟରେ ସୂଚନା ଦିଆଯାଉଛି, ଯେଉଁମାନେ ପବନରେ ଉଡ଼ିବା ସହ ପାଣିରେ ମଧ୍ୟ ପହଁରିପାରନ୍ତି। କିନ୍ତୁ ଏହି ପକ୍ଷୀ କେବଳ ପାଣି ଉପରେ ନୁହେଁ, ପାଣି ଭିତରେ ମଧ୍ୟ ଅନାୟାସରେ ବୁଲିପାରେ। ଉକ୍ତ ପକ୍ଷୀଟିର ନାମ ପଫିନ୍ ବାର୍ଡ। ଏଭଳି ପକ୍ଷୀ ଖାସ୍‌କରି ଉତ୍ତର ଆଣ୍ଟଲାଣ୍ଟିକ୍ ମହାସାଗରୀୟ ଅଞ୍ଚଳରେ ଦେଖିବାକୁ ମିଳିଥାନ୍ତି। ଏହି ପକ୍ଷୀ ଛୋଟ ଛୋଟ ମାଛକୁ ଖାଦ୍ୟ ରୂପେ ଖାଇଥାନ୍ତି। ମାଛ ଶିକାର ପାଇଁ ଏମାନେ ପାଣିର ପ୍ରାୟ ୨୦୦ଫୁଟ ଗଭୀରତା ମଧ୍ୟକୁ ଯାଇପାରନ୍ତି। ଏହି ପକ୍ଷୀର ଥଣ୍ଟ ତ୍ରିଭୁଜ ଆକାରର। ତେଣୁ ଏହାକୁ 'ସମୁଦ୍ର ଶୁଆ' ଏବଂ ପାଣି ଭିତରେ ପହଁରି ପାରୁଥିବାରୁ 'ୱାଟରପ୍ରୁଫ୍ ବାର୍ଡ' ମଧ୍ୟ କୁହାଯାଏ।

## ଅଦ୍ଭୁତ ମାଛ

ବିଶ୍ୱରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଦେଖିବାକୁ ମିଳନ୍ତି। ପୁଣି ସବୁ ଜୀବଙ୍କର କିଛି ନା କିଛି ବିଶେଷତ୍ୱ ରହିଛି। ଏମିତି କିଛି ଜୀବ ଅଛନ୍ତି ସେମାନେ ଆଜି ପର୍ଯ୍ୟନ୍ତ ବି ରହସ୍ୟମୟ ହୋଇ ରହିଛନ୍ତି। ଏଠାରେ ଏମିତି ଏକ ମାଛ ବିଷୟରେ ସୂଚନା ଦିଆଯାଉଛି, ଯାହାର ଶବ୍ଦ ବହୁତ ତୀବ୍ର । ଏହି ମାଛଟି ବନ୍ଧୁକ ଗୁଳି ପରି ଶବ୍ଦ କରିଥାଏ, ଯାହା ଅନ୍ୟ ମାଛଠାରୁ ସମ୍ପୂର୍ଣ୍ଣ ଭିନ୍ନ। ମାଛଟି ସିନା ଛୋଟ ହେଲେ ଏହାର ଶବ୍ଦ ପାଇଁ ସେ ବେଶ୍ ପ୍ରସିଦ୍ଧ। ଏହି ମାଛଟିର ନାମ ଡେନିୟୋନେଲା ସେରେବ୍ରମ୍। ଏହି ମାଛଟିର ସନ୍ଧାନ ୧୯୮୦ରେ ମିଳିଥିଲା। ତା'ପରେ ଏହା ଉପରେ ବୈଜ୍ଞାନିକମାନେ ଗବେଷଣାକରି ୨୦୨୧ରେ ତା'ର ଶବ୍ଦ ଅନ୍ୟ ମାଛମାନଙ୍କଠାରୁ ତୀବ୍ର ବୋଲି ସହମତି ପ୍ରକାଶ କରିଥିଲେ। ଏହାର ଆକାର ୧୨ମିଲିମିଟର। ନିଜର ସୋନିକ୍ ମସଲ୍ସ କାରଣରୁ ସେ ନିଜ ପାଟିରୁ ଏପରି ଶବ୍ଦ ବାହାର କରିବାକୁ ସକ୍ଷମ ହୋଇଥାଏ, ଯାହାକୁ ଆମ୍ବୁଲାନ୍ସ ସାଇରନ୍ ସାଉଣ୍ଡ ସହ ତୁଳନା କରାଯାଇଛି।



# ଆ ଇ ନା





**ଆୟୁଷ କୁମାର ଦାସ**
୭ ବର୍ଷ/ବାଲେଶ୍ୱର

**ତିଥି ତ୍ରୀପର୍ଣ୍ଣା**
୫ ବର୍ଷ/ଯାଜପୁର